# NATIONAL NEWS BULLETIN (ODIA)

## 4 November - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ନୈନିତାଲ୍‌ରେ କୁମାଓଁ ବିଶ୍ୱବିଦ୍ୟାଳୟର ୨୦ତମ ସମାବର୍ତ୍ତନ ଉତ୍ସବରେ ଆଜି ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ମତଦାନ ନିମନ୍ତେ ଆଜି ସନ୍ଧ୍ୟାରେ ଶେଷ ହେବ ପ୍ରଚାର କାର୍ଯ୍ୟ ।
- ୯ଟି ରାଜ୍ୟ ଏବଂ ୩ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଆଜି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିବେ ନିର୍ବାଚନ ଆୟୋଗ ।
- ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୃଷ୍ଟି କରିଛି ନୂଆ ଅଧ୍ୟାୟ ।

ଏବଂ

- ଭାରତୀୟ କ୍ରିକେଟ୍ ମହିଳା ଦଳର ଅଭୁତପୂର୍ବ ସଫଳତା ପରେ ୫୧ କୋଟିର ପୁରସ୍କାର ଘୋଷଣା କଲା ବି.ସି.ସି.ଆଇ.

## ପ୍ରେଜ୍-କାଞ୍ଚି ଧାମ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ନୈନିତାଲ ସ୍ଥିତ କାଞ୍ଚି ଧାମର ନିମ୍‌କରୋଲି ବାବାଙ୍କ ଆଶ୍ରମ ପରିଦର୍ଶନ କରିବେ । କାଞ୍ଚି ଧାମ ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି, ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁମାନଙ୍କୁ ଆଜି ମଧ୍ୟାହ୍ନ ପରେ ମନ୍ଦିରକୁ ଆସିବା ଲାଗି କୁହାଯାଇଛି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ, ଆଜି ନୈନିତାଲଠାରେ କୁମାଓଁ ବିଶ୍ୱବିଦ୍ୟାଳୟର ୨୦ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ୩ ଦିନିଆ ଉତ୍ତରାଖଣ୍ଡ ଗସ୍ତର ଗତକାଲି ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ନୈନିତାଲରେ ପହଞ୍ଚିଥିଲେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ନୈନିତାଲ ଜିଲ୍ଲାକୁ ସମ୍ପୂର୍ଣ୍ଣ ଭାବେ ଡ୍ରୋନ୍ ନୋ ଫ୍ଲାଏ ଜୋନ୍ ଘୋଷଣା କରାଯାଇଛି । ଅର୍ଥାତ୍ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ନୈନିତାଲ ଜିଲ୍ଲାରେ ଡ୍ରୋନ୍ ଉଡ଼ାଣ ଉପରେ ପ୍ରତିବନ୍ଧକ ବଳବତ୍ତର ରହିବ ।

## ବିହାର-ଇଲେକ୍‌ସନ୍

ବିହାରରେ ଚଳିତ ମାସ ୬ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଅନୁଷ୍ଠିତ ହେବ । ଏଥିଲାଗି ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ କରାଯିବ । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିହାରର ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ନିମନ୍ତେ ଭୋଟ ଗ୍ରହଣ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ଟି ବିଧାନସଭା ଆସନ ଲାଗି ମତଗ୍ରହଣ କରାଯିବ ।

ଆଜି ସନ୍ଧ୍ୟାରେ ନିର୍ବାଚନ ପ୍ରଚାର କାର୍ଯ୍ୟ ଶେଷ ହେଉଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତାମାନେ ସମାବେଶ ଓ ସଭା ଜରିଆରେ ଭୋଟରମାନଙ୍କୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ଲାଗି ପ୍ରଚାର କରୁଛନ୍ତି । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏବଂ ମହାମେଣ୍ଟର ବରିଷ୍ଠ ନେତା ଓ କର୍ମୀମାନେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ନିମନ୍ତେ ପ୍ରଚାର କାର୍ଯ୍ୟ ଜାରି ରଖିଛନ୍ତି ।

ସୂଚନା ଅନୁଯାୟୀ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ବିହାରର ବୈଶାଳୀ ଜିଲ୍ଲାର ରଘୋପୁରଠାରେ ନିର୍ବାଚନୀ ସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ସେ ପାଟନାର ଫତୁହା, ସହର୍ସା ଏବଂ ତାରପୁରରେ ମଧ୍ୟ ନିର୍ବାଚନୀ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି ।

କଟିହାର୍‌ରେ ଗତକାଲି ଏକ ଜନସମାବେଶକୁ ସମ୍ବୋଧନ କରି ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ନିତିଶ କୁମାରଙ୍କ ନେତୃତ୍ୱରେ ଏନ୍.ଡି.ଏ.ରେ ବିହାରରେ ସୁ-ଶାସନ ପ୍ରଦାନ କରିଛି ଏବଂ ରାଜ୍ୟ ବିକାଶର ପଥରେ ଅଗ୍ରଗତି କରିଛି ।

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏନ୍.ଡି.ଏ. ପ୍ରାର୍ଥୀଙ୍କ ସପକ୍ଷରେ ସେଓହର୍ ଏବଂ ସୀତାମାଢ଼ିରେ ଜନସମାବେଶକୁ ସମ୍ବୋଧନ କରିଛନ୍ତି । ବିଜେପିର ଅନ୍ୟତମ ଷ୍ଟାର୍ ପ୍ରଚାରକ ତଥା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ କେତୋଟି ନିର୍ବାଚନ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

ସେହିଭଳି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଦଳର ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରା, ରାଷ୍ଟ୍ରୀୟ ଜନତା ଦଳ ନେତା ତେଜସ୍ୱୀ ଯାଦବ ଏବଂ

ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ମହାଗଠବନ୍ଧନ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଥିଲେ ।

## ପିଏମ୍-ମେରା ବୁଥ୍ ସବ୍‌ସେ ମଜବୁତ୍

'ମେରା ବୁଥ୍ ସବ୍ ସେ ମଜବୁତ୍' ଅଧୀନରେ ଆଜି ବରିଷ୍ଠ ବିଜେପି ନେତା ତଥା ପ୍ରଧାମନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ମହିଳାମାନଙ୍କ ସହ କଥାବାର୍ତ୍ତା କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଏହି ଆଲୋଚନା ପାଇଁ ଆଗ୍ରହୀ ଥିବା ପ୍ରକାଶ କରିଛନ୍ତି । ସେ କହିଛନ୍ତି, ବିହାର ବିଧାନସଭା ନିର୍ବାଚନରେ ବିଜେପି-ଏନ୍.ଡି.ଏ. ମେଣ୍ଟର ବିଜୟ ଲାଗି ବିହାରର ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶ୍ରୀ ମୋଦୀ କହିଛନ୍ତି, ମହିଳାମାନଙ୍କ ସକ୍ରିୟ ଯୋଗଦାନ ବିହାରର ଗଣତାନ୍ତ୍ରିକ ଯାତ୍ରାକୁ ଆହୁରି ଦୃଢ଼ କରିବ ।

## ହଜାରିକା-ଭାରତରତ୍ନ

କେନ୍ଦ୍ର ଯୋଗାଯୋଗ ଓ ଉତ୍ତର ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଗୌହାଟୀରେ ଭାରତ ରତ୍ନ ଡକ୍ଟର ଭୂପେନ ହଜାରିକା ରାଷ୍ଟ୍ରୀୟ ପୁରସ୍କାର ପ୍ରଦାନ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ସିନ୍ଧିଆ କହିଛନ୍ତି, ଭୂପେନ ହଜାରିକାଙ୍କ କାଳଜୟୀ ଯାତ୍ରା ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି । ସେ କହିଛନ୍ତି, ଭୂପେନ ହଜାରିକାଙ୍କ ସମ୍ମାନାର୍ଥେ ଦିଆଯାଉଥିବା ଏହି ପୁରସ୍କାର କେବଳ ସାଂସ୍କୃତିକ ବିବିଧତାକୁ ସୁଦୃଢ଼ କରୁନାହିଁ ବରଂ କଳା ସଂସ୍କୃତି

କ୍ଷେତ୍ରରେ ଏକ ମାଇଲ୍ ଖୁଣ୍ଟ ସ୍ଥାପନ କରିଛି । ଉତ୍ତର ପୂର୍ବାଞ୍ଚଳର ୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଅରୁଣାଚଳ ପ୍ରଦେଶର ଦୋର୍ଜି ଥୋଙ୍ଗଚି, ମଣିପୁରର ଲାଇଶ୍ରମ ମେମା, ଆସାମର ରଜନୀ ବାସୁମାତାରୀ, ମିଜୋରାମର ଏଲ୍.ଆର୍. ସାଇଲୋ, ଆସାମର ଡକ୍ଟର ସୂର୍ଯ୍ୟକାନ୍ତ ହଜାରିକା ଏବଂ ମେଘାଳୟର ପ୍ରଫେସର ଡାଭିଡ୍ ଆର୍. ସୀମ୍‌ଲେଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

## ଇସି-ଏସ୍ଆଇଆର୍

ଭାରତୀୟ ନିର୍ବାଚନ ଆୟୋଗ ଆଜି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିବେ । ଏଥିରେ ୯ଟି ରାଜ୍ୟ ଏବଂ ୩ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଭୋଟର ତାଲିକା ସଂଶୋଧନ ଅଭିଯାନ ଆରମ୍ଭ କରାଯିବ । ଏଗୁଡ଼ିକୁ ମିଶାଇଲେ ପ୍ରାୟ ୫୧ କୋଟି ମତଦାତା ରହିଛନ୍ତି । ସୂଚନା ଅନୁଯାୟୀ ୨୦୨୬ ମସିହା ଫେବୃୟାରୀ ୭ ତାରିଖରେ ସଂଶୋଧନ ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ବିହାରରେ ଏହି ଅଭିଯାନ ଅଧୀନରେ ଗତ ସେପ୍ଟେମ୍ବର ୩୦ ତାରିଖରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ଭୋଟର ତାଲିକାରେ ୭ କୋଟି ୪୨ ଲକ୍ଷ ଭୋଟର ରହିଥିବା ଜଣାପଡ଼ିଛି । ଦ୍ୱିତୀୟ ପର୍ଯ୍ୟାୟରେ ଭୋଟର ତାଲିକା ସଂଶୋଧନ ଅଭିଯାନ ଅଧୀନରେ ରହିଥିବା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ହେଉଛି – ଆଣ୍ଡାମାନ ନିକୋବର, ଲାକ୍ଷାଦ୍ୱୀପ, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ପୁଡୁଚେରୀ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ । ସୂଚନା ଅନୁଯାୟୀ ଆସନ୍ତାବର୍ଷ ତାମିଲନାଡୁ, ପୁଡୁଚେରୀ,

କେରଳ ଏବଂ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବ । ତେବେ ଆସନ୍ତାବର୍ଷ ଆସାମରେ ବିଧାନସଭା ନିର୍ବାଚନ ହେବାକୁ ଥିଲେ ମଧ୍ୟ ଏହି ପର୍ଯ୍ୟାୟରେ ସେଠାରେ ଭୋଟର ତାଲିକା ସଂଶୋଧନ ଅଭିଯାନ କାର୍ଯ୍ୟକାରୀ ହେବ ନାହିଁ । ସୁପ୍ରିମ୍‌କୋର୍ଟ୍‌ଙ୍କ ନିରୀକ୍ଷଣରେ ଆସାମରେ ନାଗରୀକତ୍ୱ ଯାଞ୍ଚ୍ କାର୍ଯ୍ୟ ଚାଲିଥିବାରୁ ଭୋଟର ତାଲିକା ସଂଶୋଧନ ହେବ ନାହିଁ । ଏହି ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଦେଶ ସ୍ୱାଧୀନ ହେବା ପରେ ୨୦୦୨ରୁ ୨୦୦୪ ମଧ୍ୟରେ ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ଅନୁଷ୍ଠିତ ହୋଇଥିବା ବେଳେ ନବମଥର ପାଇଁ ଚଳିତ ବର୍ଷ ଏହି ଅଭିଯାନା କାର୍ଯ୍ୟକାରୀ କରାଯାଉଛି ।

## ଜିଏସ୍‌ଟି ରିଫର୍ମ୍‌-ହେଲ୍‌ଥ କେୟାର୍

ଦେଶରେ ପରବର୍ତ୍ତି ପିଢ଼ିର ଜି.ଏସ୍.ଟି. ସଂସ୍କାର ଲାଗୁ ହେବା ପରେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତ ସେପ୍ଟେମ୍ବର ୨୨ ତାରିଖରେ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଘୋଷଣା କରାଯିବା ପରେ ଏହା କେବଳ ଦେଶବାସୀଙ୍କୁ ଅର୍ଥ ସଞ୍ଚୟ କରିବା ଲାଗି ସୁଯୋଗ ସୃଷ୍ଟି କରିନାହିଁ, ବରଂ ଉପଭୋକ୍ତାମାନଙ୍କ କ୍ରୟ କ୍ଷମତା ବୃଦ୍ଧି ପାଇବା ସହ ଆମଦାନୀ ରପ୍ତାନୀ କ୍ଷେତ୍ରରେ ନୂତନ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି ।

ଭାରତ ଭଳି ଦେଶରେ ସ୍ୱାସ୍ଥ୍ୟସେବାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଏବଂ ସମସ୍ତେ ଯେଭଳି ଉନ୍ନତମାନର ବ୍ୟୟବହୁଳ ଚିକିତ୍ସା ସେବା ବ୍ୟବସ୍ଥା ପାଇପାରିବେ ତାହାକୁ ଲକ୍ଷ୍ୟ ରଖି ଜି.ଏସ୍.ଟି. ହ୍ରାସ ଲୋକମାନଙ୍କୁ ଆସ୍ୱସ୍ତି ପ୍ରଦାନ କରିଛି । ପରବର୍ତ୍ତି ପିଢ଼ିର ଜି.ଏସ୍.ଟି. ସଂସ୍କାରରେ ଅତ୍ୟାବଶ୍ୟକ ଔଷଧଗୁଡ଼ିକ ଉପରେ ଟିକସ ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ

କରାଯାଇଥିବା ବେଳେ ୩୩ଟି ଜୀବନରକ୍ଷାକାରୀ ଔଷଧ ଉପରୁ ଜି.ଏସ୍.ଟି. ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି । ଏଥିସହିତ ମେଡିକାଲ୍ ଉପକରଣ ଯେଭଳିକି ଗଜ୍, ବ୍ୟାଣ୍ଡେଜ୍, ପରୀକ୍ଷଣ କିଟ୍ ଏବଂ ଥର୍ମୋମିଟର ଭଳି ସାମଗ୍ରୀ ଉପରେ କେବଳ ୫ ପ୍ରତିଶତ ଜି.ଏସ୍.ଟି. ଲାଗୁ ହୋଇଛି । ଏହାଛଡ଼ା ସ୍ୱାସ୍ଥ୍ୟ ଏବଂ ଜୀବନବୀମା ପ୍ରିମିୟମ୍ କ୍ଷେତ୍ରରେ ପୂର୍ବର ୧୮ ପ୍ରତିଶତ ଟିକସକୁ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି । ଏ ସଂପର୍କରେ ଜଣେ ଔଷଧ ବିକ୍ରେତା ନୀତିନ୍ କହିଛନ୍ତି –

**V/O**

## ବିସିସିଆଇ-୫୧ କରୋଡ୍ ପ୍ରାଇଜ୍

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ ବି.ସି.ସି.ଆଇ. ମହିଳା କ୍ରିକେଟ୍ ଦଳ ଖେଳାଳି, ସହଯୋଗୀ କର୍ମଚାରୀ ଏବଂ ଚୟନ କମିଟିର ସଦସ୍ୟମାନଙ୍କ ପାଇଁ ୫୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛି । ଆଇ.ସି.ସି. ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ପ୍ରଥମଥର ଲାଗି ବିଜୟ ହାସଲ କରିଥିବାରୁ ବି.ସି.ସି.ଆଇ. ପକ୍ଷରୁ ଏହି ଅର୍ଥ ରାଶି ଘୋଷଣା କରାଯାଇଛି । ଏକ ବିବୃତ୍ତିରେ ବି.ସି.ସି.ଆଇ. ପକ୍ଷରୁ କୁହାଯାଇଛି, ଦଳର ସହଯୋଗୀ କର୍ମଚାରୀ ଏବଂ ପ୍ରତ୍ୟେକ ଅଂଶିଦାର ଦେଶର କୋଟି କୋଟି ସମର୍ଥକମାନଙ୍କ ଆକାଂକ୍ଷା ପୂରଣ ଦିଗରେ ବହୁ ପରିଶ୍ରମ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ମହିଳା କ୍ରିକେଟ୍ ଦଳକୁ ଶୁଭେଚ୍ଛା ଜଣାଇବା ସହ ପ୍ରଶଂସା କରିଥିଲେ । ସେ କହିଥିଲେ, **V/O-PM WOMEN CRICKET TEAM**

ବି.ସି.ସି.ଆଇ. ଅଧ୍ୟକ୍ଷ ମିଥୁନ୍ ମାନ୍‌ହାସ୍ କହିଛନ୍ତି, ଦଳର ଧୈର୍ଯ୍ୟ, ବିଜ୍ଞତା ଏବଂ ଏକତା ଯୋଗୁଁ ଦଳ ଆନ୍ତର୍ଜାତିକ ମାନର କ୍ରୀଡ଼ା ପ୍ରଦର୍ଶନ କରିପାରିଛି । ଗତ ରବିବାର ଦିନ ହରମନ୍ ପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ଆଇ.ସି.ସି. ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲ୍ ମ୍ୟାଚ୍‌ରେ ୫୨ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା । ୨୯୯ରନ୍‌ର ଲକ୍ଷ୍ୟ ପୂରଣ କରିବାକୁ ଥିବା ଦକ୍ଷିଣ ଆଫ୍ରିକା ମହିଳା ଦଳକୁ ୪୫ ଓଭର ୩ଟି ବଲ୍‌ରେ ସୀମିତ ରହିବା ପାଇଁ ଭାରତୀୟ ମହିଳା ଦଳର ଖେଳାଳିମାନଙ୍କ ପ୍ରଦର୍ଶନ ଉନ୍ନତମାନର ଥିଲା । ସେହି ମ୍ୟାଚ୍‌ରେ ସେଫାଳି ବର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

## ମାଣ୍ଡବ୍ୟ-୧୦୦ ଇୟର୍ ହକି

ହକି କ୍ରୀଡ଼ାର ଶତବାର୍ଷିକୀ ପାଳନ ଅବସରରେ ଆସନ୍ତା ୭ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଦେଶର ୫୫୦ରୁ ଊର୍ଦ୍ଧ୍ୱ ଜିଲ୍ଲାରେ ୧ ହଜାର ୪୦୦ରୁ ଅଧିକ ହକି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ । ହକି ଖେଳ ନେଇ ସଚେତନତା ସୃଷ୍ଟି ଏବଂ ଯୁବ କ୍ରୀଡ଼ାବିତ୍‌ଙ୍କୁ ଏହି ଖେଳ ପ୍ରତି ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି । ଦେଶର କ୍ରୀଡ଼ା ସଂସ୍କୃତିକୁ ମଜବୁତ କରିବା, ହକି ଇତିହାସ ସହିତ ଯୁବପିଢ଼ିଙ୍କୁ ଯୋଡ଼ିବା ଏବଂ ଭବିଷ୍ୟତ ଗଠନରେ ଯୁବପିଢ଼ିଙ୍କୁ ପ୍ରେରଣା ପ୍ରଦାନ କରିବା ଏହି ପଦକ୍ଷେପର ଅନ୍ୟତମ ଉଦ୍ଦେଶ୍ୟ ବୋଲି ଡକ୍ଟର ମାଣ୍ଡବ୍ୟ କହିଛନ୍ତି । ହକିର

ଶତବାର୍ଷିକୀ ପାଳନ ଦେଶର ଜାତୀୟ ପରିଚୟ ଏବଂ ଉତ୍କର୍ଷତାର ପ୍ରତୀକ ହୋଇଥିବା ଏହି କ୍ରୀଡ଼ା ପ୍ରତି ଏକ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ସେ କହିଛନ୍ତି ।